# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 4th August – 2025

*********************************

## ମୁଖ୍ୟ ସମ୍ବାଦ

- ପ୍ରବାସୀ ଶ୍ରମିକମାନଙ୍କୁ ନିଜ ଅଞ୍ଚଳରେ ରୋଜଗାର ଯୋଗାଇ ଦେବାକୁ ସରକାର ପଦକ୍ଷେପ ନେଉଛନ୍ତି; କହିଲେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ।

— ଭ୍ରାମ୍ୟମାଣ ପ୍ରବାସୀ ସାଧନ କେନ୍ଦ୍ରର କଲେ ଉଦ୍‌ଘାଟନ ।

- ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ବିନା ସୁଧରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପ୍ରଦାନ କରିବେ ରାଜ୍ୟ ସରକାର ।

- ପୁରୀ ଶ୍ରୀମନ୍ଦିରରେ ଆଜି ଅନୁଷ୍ଠିତ ହେଉଛି ମହାପ୍ରଭୁଙ୍କ ଝୁଲଣ ଯାତ୍ରା ।

ଏବଂ

- ଓଡ଼ିଶାର ପ୍ରଥମ ସମ୍ବାଦପତ୍ର 'ଉତ୍କଳ ଦୀପିକା'ର ଗୌରବମୟ ଇତିହାସକୁ ମନେପକାଇ ଆଜି ପାଳନ କରାଯାଉଛି ଓଡ଼ିଆ ସାମ୍ବାଦିକତା ଦିବସ ।

***BBSR/R***

# ପ୍ରବାସୀ ଶ୍ରମିକ

ପ୍ରବାସୀ ଶ୍ରମିକମାନଙ୍କୁ ନିଜ ଅଞ୍ଚଳରେ ରୋଜଗାର ଯୋଗାଇଦେବା ଏବଂ ସେମାନଙ୍କୁ ସ୍ୱାବଲମ୍ବୀ କରିବାପାଇଁ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି ବୋଲି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି । ଭୁବନେଶ୍ୱର କୃଷି ଭବନଠାରେ ଆଜି ଭ୍ରାମ୍ୟମାଣ ପ୍ରବାସୀ ସାଧନ କେନ୍ଦ୍ରର ଉଦ୍‌ଘାଟନ କରି ଶ୍ରୀ ସିଂହଦେଓ କହିଛନ୍ତି, ମହିଳା, ଯୁବବର୍ଗ ଓ ଫେରନ୍ତା ପ୍ରବାସୀଙ୍କପାଇଁ ବିଭିନ୍ନ ଜୀବିକା ବିକାଶ କାର୍ଯ୍ୟକ୍ରମ ଓ ଦକ୍ଷତା ବିକାଶ, ନିଯୁକ୍ତି ସଂଯୋଜନ ଲାଗି ଯୋଜନା କରାଯାଉଛି । ଏହି ଭ୍ରାମ୍ୟମାଣ ରଥ ଗାଁକୁ ଗାଁ ବୁଲି ଲୋକଙ୍କୁ ସଚେତନ କରାଇବ । ଏଥିପାଇଁ ନିଃଶୁଳ୍କ ପ୍ରବାସୀ ହେଲ୍‌ପ୍‌ଲାଇନ୍ ନମ୍ବର ୧୮୦୦-୩୪୫-୭୮୮୫ ଜାରି କରାଯାଇଛି । କାର୍ଯ୍ୟକ୍ରମରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ସଚିବ ଡକ୍ଟର ଅରବିନ୍ଦ ପାଢ଼ୀଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ ।

***HS***

# ପ୍ରଭାତୀ ପରିଡ଼ା – ସୁଭଦ୍ରା

ରାଜ୍ୟର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ବିନା ସୁଧରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇଦେବାକୁ ସରକାର ଲକ୍ଷ୍ୟ ରଖିଛନ୍ତି ବୋଲି

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି । ଭୁବନେଶ୍ୱର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଆଭାସୀ ମାଧ୍ୟମରେ ସୁଭଦ୍ରା ଯୋଜନାର ହିତାଧିକାରୀଙ୍କ ସହ ସିଧାସଳଖ ଆଲୋଚନା କରି ଶ୍ରୀମତୀ ପରିଡ଼ା ସୁଭଦ୍ରା ଯୋଜନାରେ ମିଳିଥିବା ସହାୟତା ରାଶିର ଠିକ୍ ବିନିଯୋଗ ସମ୍ପର୍କରେ ପଚାରି ବୁଝିଥିଲେ । ଆଗାମୀ ଦିନରେ ସରକାର ଲକ୍ଷପତି ଦିଦିଙ୍କୁ କୋଟିପତି ଦିଦିରେ ପରିଣତ କରିବାକୁ ଲକ୍ଷ୍ୟ ରଖିଛନ୍ତି । ଏଥିପାଇଁ ସରକାର ବିନା ସୁଧରେ ଋଣ ପ୍ରଦାନ ଉପରେ ଗୁରୁତ୍ୱ ଦେଉଛନ୍ତି ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି :

***Voice (Pravati Parida)*** **:.............**

***HS***

## ଧାନ ପଞ୍ଜୀକରଣ

ଧାନ ପଞ୍ଜୀକରଣ ବ୍ୟବସ୍ଥାକୁ ଆହୁରି ସହଜ ଓ ସରଳ କରିବାପାଇଁ ଭୁବନେଶ୍ୱରରେ ବିଧାନସଭା କମିଟିରେ ଆଲୋଚନା ହୋଇଛି । ପବ୍ଲିକ୍ ଅଣ୍ଡରଟେକିଂ କମିଟି ଅଧ୍ୟକ୍ଷ ପଦ୍ମଲୋଚନ ପଣ୍ଡା ବୈଠକରେ ଯୋଗଦେଇ ଧାନ କଟ୍‌ନୀ ଛଟ୍‌ନୀ ବନ୍ଦ କରିବା ଉପରେ ଯୋଗାଣ ବିଭାଗର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଅନ୍‌ଲାଇନ୍ ପଞ୍ଜୀକରଣ ପ୍ରକ୍ରିୟାକୁ ସହଜ କରିବାପାଇଁ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା ।

*Desk*

# ବି.ଏଡ୍. ଆବେଦନ

ତିନିବର୍ଷୀୟ ଇଣ୍ଟିଗ୍ରେଟେଡ୍ ବି.ଏଡ୍. ଏବଂ ଏମ୍.ଏଡ୍. ପାଠ୍ୟକ୍ରମରେ ଅନ୍‌ଲାଇନ୍ ଆବେଦନ ପ୍ରକ୍ରିୟା ଆଜିଠାରୁ ଆରମ୍ଭ ହୋଇଛି । ଛାତ୍ରଛାତ୍ରୀମାନେ ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ସାମ୍ସ ୱେବ୍‌ସାଇଟ୍‌ରେ ଏଥିପାଇଁ ଆବେଦନ କରିପାରିବେ। ୧୮ ତାରିଖରେ ଆବେଦନ ଫର୍ମରେ ରହିଥିବା ତ୍ରୁଟି ସୁଧାରିବାକୁ ସମୟସୀମା ଧାର୍ଯ୍ୟ କରାଯାଇଛି । ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଆବେଦନ ପ୍ରକ୍ରିୟା ନେଇ ବିଜ୍ଞପ୍ତି ଜାରି ହୋଇଛି ।

*Desk*

# ଝୁଲଣ ଯାତ୍ରା

ପୁରୀ ଶ୍ରୀମନ୍ଦିରରେ ଶ୍ରାବଣ ଶୁକ୍ଳ ଦଶମୀ ତିଥିରେ ଆଜି ମହାପ୍ରଭୁଙ୍କ ଝୁଲଣ ଯାତ୍ରା ଅନୁଷ୍ଠିତ ହେବ। ଶ୍ରୀମନ୍ଦିର ମୁକ୍ତିମଣ୍ଡପ ସମ୍ମୁଖରେ ସ୍ୱତନ୍ତ୍ର ଝୁଲଣ କୁଞ୍ଜ ନିର୍ମିତ ହେଉଛି। ମହାପ୍ରଭୁଙ୍କ ଆଜ୍ଞାମାଳ ଆସିବା ପରେ ଶ୍ରୀ ମଦନମୋହନ, ଶ୍ରୀଦେବୀ ଓ ଭୂଦେବୀ ଝୁଲଣରେ ବିଜେ ହୋଇ କୁଞ୍ଜଲୀଳା କରିବେ। ସନ୍ଧ୍ୟାଧୂପ ଶେଷ ହେବାପରେ ଝୁଲଣ ମଣ୍ଡପରେ ସୁଦୁସୁଆର ପାଣି ପକାଇବା ପରେ ଆସ୍ଥାନ ପ୍ରତିହାରୀ ଶୀତଳଭୋଗ ପୂଜାପାଠ କରିବେ। ଶ୍ରୀଜୀଉଙ୍କ ଚନ୍ଦନଲାଗି ନୀତି ଶେଷ ହେବାପରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ରତ୍ନ

ସିଂହାସନକୁ ବିଜେ କରାଯିବ। ଶ୍ରୀମନ୍ଦିର ସମେତ ଅନ୍ୟାନ୍ୟ ମଠ ମନ୍ଦିରରେ ଝୁଲଣଯାତ୍ରାର ଆୟୋଜନ କରାଯାଉଥିବା ଆମ ସମ୍ବାଦଦାତା ଜଣାଇଛନ୍ତି। ମଠମାନଙ୍କରେ ଝୁଲଣ କୁଞ୍ଜରେ ଶ୍ରୀ ରାଧାକୃଷ୍ଣଙ୍କୁ ବିଜେ କରାଇବାର ପରମ୍ପରା ରହିଛି।

*Nayagarh/R*

## ଝୁଲଣ ଯାତ୍ରା

ନୟାଗଡ଼ ଜିଲ୍ଲା କଣ୍ଟିଲୋରେ ବିଜେ କରିଥିବା ଶ୍ରୀଜଗନ୍ନାଥ ଆଦିପୀଠ ଶ୍ରୀନୀଳମାଧବ ମନ୍ଦିରରେ ଝୁଲଣ ଯାତ୍ରା ଆରମ୍ଭ ହୋଇଛି । ୫ ଦିନ ବ୍ୟାପୀ ଚାଲିବାକୁ ଥିବା ଏହି ଝୁଲଣ ଯାତ୍ରାରେ ଆଜି ପ୍ରାତଃ ସମୟରୁ ମନ୍ଦିରରେ ସ୍ନାନ ଅବକାଶ, ବଲ୍ଲଭ ନୀତି ଅନୁଷ୍ଠିତ ହେବା ପରେ ପୂର୍ବାହ୍ନରେ ସକାଳ ଧୂପ ଓ ଦ୍ୱିପ୍ରହର ଧୂପ ସମ୍ପନ୍ନ ହୋଇଥିଲା । ଏହି ଅବସରରେ ସ୍ଥାନୀୟ ରାଧାମୋହନ ଜିଉଙ୍କ ମଠରେ କଣ୍ଟିଲୋ ମହିଳା ସଂକୀର୍ତ୍ତନ ମଣ୍ଡଳି ପକ୍ଷରୁ ଝୁଲଣ ସଙ୍ଗୀତ ପରିବେଷଣ କରାଯାଇଛି ।

*Nabarangpur/R*

## ସ୍ୱତନ୍ତ୍ର ରାକ୍ଷୀ

ଭାଇ-ଭଉଣୀଙ୍କ ପବିତ୍ର ସମ୍ପର୍କର ପର୍ବ ହେଉଛି ରାକ୍ଷୀ ବା ଗହ୍ମା ପୂର୍ଣ୍ଣିମା । ପ୍ରତିବର୍ଷ ଶ୍ରାବଣ ମାସ ପୂର୍ଣ୍ଣିମୀ ତିଥିରେ ରାକ୍ଷାବନ୍ଧନ ପର୍ବକୁ ପାଳନ

କରାଯାଇଥାଏ । ଆସନ୍ତା ଶନିବାର ଦିନ ରାକ୍ଷୀ ପର୍ବ ପାଳନ ପାଇଁ ବଜାରରେ ବିଭିନ୍ନ କଳାକୃତିର ରାକ୍ଷୀ ବିକ୍ରୟ ଆରମ୍ଭ ହୋଇଛି । ଚଳିତ ବର୍ଷ ନବରଙ୍ଗପୁର ଜିଲ୍ଲାର ପ୍ରମୁଖ ଫସଲ ମକାରେ ରାକ୍ଷୀ ପ୍ରସ୍ତୁତ କରି ସ୍ଥାନୀୟ ଅଞ୍ଚଳର ନିରଜା ନାଏକ ବେଶ୍ ପ୍ରଶଂସା ସାଉଁଟୁଛନ୍ତି । ଶୁଣନ୍ତୁ ଏ ସମ୍ପର୍କରେ ଏକ ରିପୋର୍ଟ :

ଭାଇ-ଭଉଣୀଙ୍କ ଅତୁଟ ସମ୍ପର୍କକୁ ଆହୁରି ମଜବୁତ କରିବାପାଇଁ ପ୍ରତିବର୍ଷ ରକ୍ଷାବନ୍ଧନ ପର୍ବ ପାଳନ କରାଯାଏ । ରେଶମ ସୂତାର ଡୋରୀରେ ବନ୍ଧା ଅନେକ ପ୍ରକାର ରାକ୍ଷୀ ବଜାରରେ ଉପଲବ୍ଧ ହୋଇଥାଏ । ନବରଙ୍ଗପୁର ଜିଲ୍ଲାର ନିରଜା ନାଏକ ଧାନ ଏବଂ ମକାରେ ରାକ୍ଷୀ ପ୍ରସ୍ତୁତ କରି ଓର୍‌ମାସ୍ ସହାୟତାରେ ବିକ୍ରୟ କରୁଛନ୍ତି । ପେସାରେ ଶିକ୍ଷୟତ୍ରୀ ଭାବେ କାର୍ଯ୍ୟରତ ନିରଜା କେବଳ ମକା ନୁହେଁ, କାନ୍ଦୁଲ, ମାଣ୍ଡିଆ, ଗହମ, କାଙ୍ଗୁ, ବାଜରାକୁ କଞ୍ଚାମାଲ୍ ଭାବେ ବ୍ୟବହାର କରି ରାକ୍ଷୀ ପ୍ରସ୍ତୁତ କରିଛନ୍ତି । ପ୍ରତ୍ୟେକ ରାକ୍ଷୀର ମୂଲ୍ୟ ୧୦୦ ଟଙ୍କା ରହିଥିବାବେଳେ ସ୍ଥାନୀୟ ଅଞ୍ଚଳର ମହିଳାମାନଙ୍କୁ ବିକ୍ରୟ କରି ବେଶ୍ ଦୁଇପଇସା ରୋଜଗାର କରିପାରୁଛନ୍ତି ବୋଲି ନିରଜା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ।

***Voice (Niraja)*** :.......

ଆକାଶବାଣୀ କଟକ ସମ୍ବାଦ ବିଭାଗପାଇଁ ନବରଙ୍ଗପୁରରୁ ପ୍ରଭାତୀ ବିଶୋୟୀଙ୍କ ସହ ମୁଁ ସ୍ମୃତିରେଖା ତାରେଣିଆ ।

***Cuttack/R***

# ଏସ୍.ଏସ୍.ଜି. - ରାକ୍ଷୀ

କଟକ ଜିଲ୍ଲା ପରିଷଦ ନିକଟସ୍ଥ ଅନ୍ନପୂର୍ଣ୍ଣ ଗ୍ରାମୀଣ ବଜାରରେ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଓସାହେବ ସିନ୍ଧେ ସ୍ୱୟଂ ସହାୟକ ଗୋଷ୍ଠୀ ଓ ଉତ୍ପାଦକ ଗୋଷ୍ଠୀର ସଭ୍ୟାମାନଙ୍କ ଦ୍ୱାରା ପ୍ରସ୍ତୁତ ସ୍ୱତନ୍ତ୍ର ରାକ୍ଷୀ ଷ୍ଟଲ୍‌କୁ ଉଦ୍‌ଘାଟନ କରିଛନ୍ତି । ଓର୍‌ମାସ୍ ସହାୟତାରେ ଆସନ୍ତା ରାକ୍ଷୀ ପୂର୍ଣ୍ଣିମା ପର୍ବକୁ ଦୃଷ୍ଟିରେ ରଖି ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ରାକ୍ଷୀ ପ୍ରସ୍ତୁତ କରିଛନ୍ତି । ନିଜ ଦକ୍ଷତାର ପ୍ରଦର୍ଶନସ୍ୱରୂପ ଗୋବର, ତାଳପତ୍ର, ବାଉଁଶ, ସୂତା ଆଦି ବ୍ୟବହାର କରି ଉଦ୍ୟୋଗୀ ମହିଳାମାନେ ରାକ୍ଷୀଗୁଡ଼ିକ ପ୍ରସ୍ତୁତ କରଛନ୍ତି । ଏହାବ୍ୟତୀତ ସବାଇ ଘାସରେ ପ୍ରସ୍ତୁତ ଥାଳିରେ ହଳଦୀ, କୁଙ୍କୁମ, ଅରୁଆ ଚାଉଳ, ଦୀପ ଓ ମାଣ୍ଡିଆ ବିସ୍କୁଟ୍ ସହ ଏହି ରାକ୍ଷୀଗୁଡ଼ିକର ବିକ୍ରି ଆରମ୍ଭ ହୋଇଛି । ଏହି ଅଭିନବ ପଦକ୍ଷେପଦ୍ୱାରା ମହିଳାମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବା ସହ ପାରମ୍ପରିକ ସଂସ୍କୃତିର ରକ୍ଷା ହୋଇପାରୁଛି ବୋଲି ଜିଲ୍ଲାପାଳ ମତପ୍ରକାଶ କରିଛନ୍ତି ।

***Kalahandi/R***

# ଆକାଂକ୍ଷୀ ହାଟ

କଳାହାଣ୍ଡି ଜିଲ୍ଲା ଭବାନୀପାଟଣାର ଟାଉନ୍ ହଲ୍‌ଠାରେ ଆୟୋଜିତ ଆକାଂକ୍ଷୀ ହାଟକୁ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ ମୁଖ୍ୟ ଅତିଥି

ଭାବେ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି । ୭ ଦିନ ଧରି ଚାଲିବାକୁ ଥିବା ଏହି ହାଟରେ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କଦ୍ୱାରା ପ୍ରସ୍ତୁତ ବିଭିନ୍ନ ସାମଗ୍ରୀ ବିକ୍ରି କରାଯାଉଛି ।

***Desk***

# ଓଡ଼ିଆ ସାମ୍ବାଦିକତା ଦିବସ

ଓଡ଼ିଶାର ଲୋକଙ୍କୁ ସୂଚନା ପ୍ରଦାନ ପାଇଁ ୧୮୬୬ ମସିହା ଆଜିର ଦିନରେ ଓଡ଼ିଶାର ପ୍ରଥମ ସମ୍ବାଦପତ୍ର ଉତ୍କଳ ଦୀପିକା ପ୍ରକାଶ ପାଇଥିଲା। ଓଡ଼ିଆ ସାମ୍ବାଦିକତା ଏବଂ ଖବର କାଗଜ ପ୍ରକାଶନରେ 'ଉତ୍କଳ ଦୀପିକା'ର ପ୍ରାସଙ୍ଗିକତାକୁ ସ୍ମରଣ କରି ଆଜି ଓଡ଼ିଆ ସାମ୍ବାଦିକତା ଦିବସ ପାଳନ କରାଯାଉଛି।

'ଉତ୍କଳ ଦୀପିକା' ପ୍ରଥମେ ସାପ୍ତାହିକ ଓ ପରେ ଦୈନିକ ଖବର କାଗଜ ଭାବେ ପ୍ରକାଶିତ ହେଉଥିଲା। ଗୌରୀଶଙ୍କର ରାୟ ଏହାର ପ୍ରଥମ ସମ୍ପାଦକ ଭାବେ କାର୍ଯ୍ୟ କରିଥିଲେ। 'ଉତ୍କଳ ଦୀପିକା' ଯୁକ୍ତିନିଷ୍ଠ, ସରଳ, ସୁଗମ ଏବଂ ପ୍ରାସଙ୍ଗିକ ଖବର ପାଇଁ ପରିଚିତ ଥିଲା।

ରାଜ୍ୟର ବିଭିନ୍ନ ସ୍ଥାନରେ ଓଡ଼ିଆ ସାମ୍ବାଦିକତା ଦିବସ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଯାଇଛି ।

***Deogarh/R***

# ଚାରାରୋପଣ

ଦେବଗଡ଼ ଜିଲ୍ଲା ଆଦର୍ଶ ସ୍ନାତକ ମହାବିଦ୍ୟାଳୟ ପକ୍ଷରୁ ଜାତୀୟ ସେବା ଯୋଜନା ଅଧୀନରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ବିଶିଷ୍ଟ ପରିବେଶବିତ୍, ପ୍ରକୃତିମିତ୍ର ଲଳିତ ମୋହନ ସାହୁ କାର୍ଯ୍ୟକ୍ରମରେ ଯୋଗଦେଇ ଚାରାରୋପଣର ଆବଶ୍ୟକତା ଉପରେ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରାଇଥିଲେ ।

***Deogarh, Gajapati, Ganjam, Kendrapara, Sonepur, Nayagarh, Boudh, Bhadrak/R***

# ଜନ ଅଭିଯୋଗ ଶୁଣାଣି

ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଦେବଗଡ଼ ଜିଲ୍ଲାପାଳ କବୀନ୍ଦ୍ର କୁମାର ସାହୁ ଓ ଆରକ୍ଷୀ ଅଧୀକ୍ଷକ ଅନୀଲ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ବିକାଶ ଭବନ ସମ୍ମିଳନୀ କକ୍ଷରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଛି । ଏଥିରେ ୨୮ଟି ଅଭିଯୋଗର ଶୁଣାଣି କରାଯାଇଥିଲା ।

ଗଜପତି ଜିଲ୍ଲା ପାରଳାଖେମୁଣ୍ଡିସ୍ଥିତ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଶିବିରରେ ୧୧୬ଟି ଅଭିଯୋଗର ଶୁଣାଣି କରାଯାଇ ୯ଟି ଅଭିଯୋଗର ତ୍ୱରିତ ସମାଧାନ କରାଯାଇଥିଲା ।

ଗଞ୍ଜାମ ଜିଲ୍ଲା ପରିଷଦର ଜଉଗଡ଼ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଭି.କୀର୍ତ୍ତିଭାସନ ଏବଂ ଏସ୍.ପି. ଶୁଭେନ୍ଦୁ କୁମାର ପାତ୍ର ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଆଜି ଶୁଣାଣି କରିଛନ୍ତି ।

କେନ୍ଦ୍ରାପଡ଼ା ଜିଲ୍ଲା ପୌର ପରିଷଦ ଟାଉନ୍ ହଲ୍‌ଠାରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଶୁଣାଣି ଶିବିରରେ ୧୭୫ଟି ଅଭିଯୋଗର ଶୁଣାଣି କରାଯାଇ ରେଡ୍‌କ୍ରସ୍ ପକ୍ଷରୁ ଜଣକୁ ୩ ହଜାର ଓ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୧୪ ଜଣଙ୍କୁ ୭୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି ।

ସୁବର୍ଣ୍ଣପୁର ଜିଲ୍ଲା ସଦର ବ୍ଲକ୍‌ସ୍ତରୀୟ ଅଭିଯୋଗ ଶୁଣାଣି ଶିବିରରେ ୩୫ଟି ଅଭିଯୋଗର ଶୁଣାଣି କରାଯାଇ ୨ଟିର ତତ୍କାଳ ସମାଧାନ କରାଯାଇଛି ।

ନୟାଗଡ଼ ଜିଲ୍ଲାପାଳଙ୍କ ସଭାଗୃହରେ ୧୨୯ଟି ଅଭିଯୋଗର ଶୁଣାଣି କରାଯାଇ ୩୫ଟି ମାମଲାର ତତ୍କାଳ ସମାଧାନ କରାଯାଇଛି ।

ବୌଦ୍ଧ ସଦର ବ୍ଲକ୍ କାର୍ଯ୍ୟାଳୟରେ ଅନୁଷ୍ଠିତ ଶିବିରରେ ୭୦ଟି ଅଭିଯୋଗର ଶୁଣାଣି କରାଯାଇଥିଲା ।

ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଶିବିରରେ ୧୬୭ଟି ଅଭିଯୋଗର ଶୁଣାଣି କରାଯାଇ ୫ ଜଣଙ୍କୁ ଜିଲ୍ଲା ରେଡ୍‌କ୍ରସ ଓ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୧୯ ହଜାର ଟଙ୍କାର ସହାୟତା ପ୍ରଦାନ କରାଯାଇଥିଲା ।

***Desk***

# ପାଣିପାଗ

ମୌସୁମୀ ପ୍ରଭାବରେ ଆସନ୍ତା ୬ ତାରିଖରୁ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ଅନୁମାନ କରିଛି । ଗତ ୨୪ ଘଣ୍ଟାରେ ରାଜ୍ୟର କେତେକ ସ୍ଥାନରେ ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା ହୋଇଥିବା ଜଣାପଡ଼ିଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବା ନେଇ ୨୦ଟି ଜିଲ୍ଲା ପାଇଁ ସତର୍କସୂଚନା ଜାରି କରାଯାଇଛି ।

******